## ସଂକ୍ଷେପରେ

### ଟ୍ରକ୍ ପଛରୁ ପିଟିଲା ବାଇକ୍ : ୨ ମୃତ

**ରାଇରଙ୍ଗପୁର, ୧୬।୪ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ହାଟବାହଡା ନିକଟବର୍ତ୍ତୀ ଗୋପାଳପୁର ପାର୍ଶ୍ୱ ୨୨୦ନଂ ଜାତୀୟ ରାଜପଥ ରାସ୍ତାରେ ଶୁକ୍ରବାର ରାତିରେ ରାସ୍ତା ପାର୍ଶ୍ୱରେ ଅଟକି ରହିଥିବା ଏକ ମାଲ୍‌ବାହୀ ଟ୍ରକ୍‌କୁ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ୩ଜଣ ଯୁବକଙ୍କ ମଧ୍ୟରୁ ୨ଜଣ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟଜଣେ ଗୁରୁତରଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲ ଏବଂ ପରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ମହିଷାନେଦା ଗ୍ରାମର ଉଗାନ ମୁର୍ମୁ ଏବଂ ଶ୍ୟାମ ମୁର୍ମୁ। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଏବଂ ଟ୍ରକ୍‌କୁ ଜବତ କରିଛି।

### ପାଥୋଲ୍ୟାବ୍‌ରେ ଯୁବତୀଙ୍କୁ ଯୌନ ଶୋଷଣ ଅଭିଯୋଗ

**ଖଇରା, ୧୬।୪(ଡି.ଏନ.ଏ.):** ସୋରର ଏକ ପାଥୋଲ୍ୟାବ୍‌ରେ ଖଇରା ବ୍ଲକ ତୁଡିଗଡିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଲୋଭିତ କରି ଯୌନ ଶୋଷଣ କରିବା ନେଇ ସମ୍ପୃକ୍ତା ଯୁବତୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଗୁରୁବାର ସନ୍ଧ୍ୟାରେ ପାଥୋଲ୍ୟାବ୍ ମାଲିକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ପୁରା ତଥ୍ୟ ଦିଆଯିବ ବୋଲି ଖଇରା ଆଇଆଇସି କହିଛନ୍ତି। ଉକ୍ତ ମାମଲା ପ୍ରତ୍ୟାହାର ପାଇଁ ଯୁବତୀ ଉପରେ ଚାପ ପ୍ରୟୋଗ କରାଯାଉଥିବା ନେଇ ଯୁବତୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଏଭଳିକି ଉତ୍ତରେଶ୍ୱର ଛକରେ ଥିବା ଉକ୍ତ ପାଥୋଲୋଜିରେ ଦୀର୍ଘଦିନ ଧରି ସେକ୍ସ ର୍ୟାକେଟ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିବା ବେଳେ ଆହୁରି ଅନେକ ଘଟଣା ଲୁଚି ରହିଥିବାରୁ କ୍ରାଇମବ୍ରାଞ୍ଚ ତଦନ୍ତ କରି ଏହାର ପର୍ଦ୍ଦାଫାସ କରିବାକୁ ସାଧାରଣରେ ଦାବି ହୋଇଛି।

### ଅଟୋ ଓଲଟି ୪ ଗୁରୁତର

**ଭଦ୍ରକ ଅଫିସ, ୧୬।୪:** ଭଦ୍ରକ ଜିଲା ଧାମନଗର ବ୍ଲକର ବାଲିପାଟଣା ତରେଇସାହି ନିକଟରେ ଶନିବାର ପୂର୍ବାହ୍ନରେ ଏକ ଅଟୋ ଓଲଟି ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଲିପାଟଣାର ଏକ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ପାଇଁ ମମାଦୁଲ୍ଲା ଗାଁରୁ ୭ଜଣ ଉକ୍ତ ଅଟୋରେ ଆସୁଥିଲେ। ତରେଇସାହି ନିକଟରେ ଏକ ହମ୍ପସ ଅତିକ୍ରମ କରିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଅଟୋଟି ଓଲଟି ପଡ଼ିଥିଲା। ୭ଜଣଙ୍କ ମଧ୍ୟରୁ ୪ ଜଣଙ୍କର ମୁଣ୍ଡ ଫାଟିଯାଇଥିବା ବେଳେ ଅନ୍ୟ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି।

### ଏନ୍‌ଏଚ୍‌ରେ ଜଳିଗଲା ବୋଲେରୋ

**ପାଟଣା,୧୬।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କ୍ଷୀରେଇଟାଙ୍ଗିରି ଦେଇ ଯାଇଥିବା ୪୯ନମ୍ବର ମୁମ୍ବାଇ କଲିକତା ଜାତୀୟ ରାଜପଥ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବୋଲେରୋ ଜଳି ଯାଇଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ତୁରୁମୁଙ୍ଗାରୁ ଜଣେ ରୋଗୀଙ୍କୁ ନେଇ ବୋଲେରୋଟି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଅଭିମୁଖେ ଯାଉଥିବା ବେଳେ ଖୀରେଇଟାଙ୍ଗିରୀ ଟୋଲ ଗେଟ ନିକଟରେ କୌଣସି କାରଣରୁ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁ ଚାହୁଁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ନିକଟରେ ଥିବା ମଣ୍ଟେକାର୍ଲର ଏକ ପାଣି ଟ୍ୟାଙ୍କର ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗାଡିରୁ ସମସ୍ତ ଯାତ୍ରୀ ସୁରକ୍ଷିତ ଓହ୍ଲାଇ ପଡିଥିବାରୁ ଏକ ବଡ଼ ବିପତ୍ତି ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ପରେ ଅନ୍ୟ ଏକ ଗାଡ଼ିରେ ରୋଗୀଙ୍କୁ ଚିକିତ୍ସାଳୟ ନିଆଯାଇଥିଲା।

### ୨ ବଖରା ଜଳିଗଲା

**କୁଳିଅଣା,୧୬।୪(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା କୁଳିଅଣା ତହସିଲ ଅଧୀନ ଶ୍ରୀଚନ୍ଦନପୁର ଗ୍ରାମର ପାର୍ବତୀ ସରେନଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏଥିରେ ଘରର ଆସବାପତ୍ର ସହ ଧାନ, ଚାଉଳ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବ୍ଲକ ଅଧକ୍ଷ ଦୀପିକା ସିଂ ଅଗ୍ନିବିପନ୍ନ ପରିବାରକୁ ୨୦୦୦ ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ଗେଣ୍ଡାପଖେରି ଆର୍‌ଆଇ ବରେନ୍ୟ ସୁନ୍ଦର ବେହେରା ଏକ ପଲିଥିନ ଯୋଗାଇ ଦେଇଛନ୍ତି। ଖରାଦିନେ ପରିବାର ଲୋକଙ୍କୁ ନେଇ ପଲିଥିନରେ ଗଛ ମୂଳେ ଆଶ୍ରୟ ନେଇଛନ୍ତି। ସରକାରୀ ସାହାଯ୍ୟ ସହ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇଦେବା ପାଇଁ ପାର୍ବତୀ ନିବେଦନ କରିଛନ୍ତି।

# ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ ଦାବି ତେଜିଲା

**ବାରିପଦା ଅଫିସ,୧୬।୪**


ଅଭିଭାବକମାନେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

ମୟୂରଭଞ୍ଜ ଜିଲା ବଡ଼ସାହି ଆଦର୍ଶ ବିଦ୍ୟାଳୟ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କର ଟର୍ମ-୨ପରୀକ୍ଷା ନିମନ୍ତେ ୧୨୦କି.ମି. ଦୂର ରାଇରଙ୍ଗପୁର ଠାରେ କେନ୍ଦ୍ର କରାଯିବାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଶନିବାର ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୫କି.ମି. ମଧ୍ୟରେ ପରୀକ୍ଷା କେନ୍ଦ୍ର କରିବା ନିମନ୍ତେ ଏକ ଦାବିପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଏପ୍ରିଲ ୨୭ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ୪୫ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ସିବିଏସଇ ବୋର୍ଡ ପକ୍ଷରୁ ପରୀକ୍ଷା କେନ୍ଦ୍ର ଚୟନ କରାଯାଇଛି। ବଡ଼ସାହି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୧୨୦କି.ମି. ଦୂର ରାଇରଙ୍ଗପୁର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯିବାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ୧୮ଦିନ ବ୍ୟାପୀ ଦ୍ୱାରଶୁଣୀ ଭଳି ବିପଦ ପୂର୍ଣ୍ଣ ଘାଟି ଓ ରାସ୍ତାରେ ଯାତାୟାତ କରି ପରୀକ୍ଷା ଦେବା ସମ୍ଭବପର ହେଉନଥିବାରୁ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେହିପରି ସିବିଏସଇ ବୋର୍ଡ ପକ୍ଷରୁ ୩୦କି.ମି. ପରିଧି ମଧ୍ୟରେ ପରୀକ୍ଷା କେନ୍ଦ୍ର କରିବାକୁ ନିୟମ ରହିଥିଲେ ସୁଦ୍ଧା ବଡ଼ସାହି ଆଦର୍ଶ

### ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ

ବିଦ୍ୟାଳୟ ପାଇଁ ଅନ୍ୟ ଏକ ନିୟମ ପ୍ରଚଳନ କରାଯାଉଛି ବୋଲି ଅଭିଭାବକ ପ୍ରକାଶ ମୃତ୍ୟୁଞ୍ଜୟ ଦିବବେଦୀ, ଜୀବନ ଜ୍ୟୋତି ବାରିକ, ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ବଡ଼ସାହି ଠାରୁ ରାଇରଙ୍ଗପୁରକୁ ସିଧାସଳଖ ବସ ଯୋଗେ ଯିବାଆସିବା କରିବା ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ଆଦିବାସୀ ଗରିବ ଛାତ୍ରୀଛାତ୍ରମାନେ ଖର୍ଚ୍ଚାନ୍ତର ଶିକାର ହେବେ ବୋଲି କହିଛନ୍ତି। ଏହା ଫଳରେ ଛାତ୍ରୀଛାତ୍ରମାନେ ମାନସିକ ଚାପରେ ପଡିବା ସହ ପରୀକ୍ଷାରେ ସଫଳତା ଅର୍ଜନ କରିବାରେ ବାଧା ଉପୁଜିବ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ତେବେ ଏହାକୁ ନେଇ ଉପଜିଥିବା ସମସ୍ୟାର ସମାଧାନ କରିବା ପାଇଁ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ବିକ୍ଷୋଭ କରିବାରୁ ସ୍କୁଲ କର୍ତ୍ତୃପକ୍ଷ ଚିଠି ନଂ ୩୩୬/ଓଏଭି/୨୨ରେ ରିଜିଓନାଲ ଅଫିସକୁ ଜଣାଇଛନ୍ତି। ଟର୍ମ-୧ ପରୀକ୍ଷା ପାଇଁ ନିଜସ୍ୱ ବିଦ୍ୟାଳୟରେ କେନ୍ଦ୍ର କରାଯାଇଥିବା ବେଳେ ଟର୍ମ-୨ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରାଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସହିତ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ତେବେ ଖୁବ ଶୀଘ୍ର ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଧାରଣାରେ ବସିଲେ ଅଭିଭାବକ

**ଖଇରା, ୧୬।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ପୁରାତନ ଗଡପୋଖରୀ ହାଇସ୍କୁଲ ପୂର୍ବରୁ ବୋର୍ଡ ପରୀକ୍ଷା କେନ୍ଦ୍ର ହୋଇଆସୁଥିବା ବେଳେ ଚଳିତ ବର୍ଷ ଏହାକୁ ଇଚ୍ଛାକୃତ ଭାବେ ତାଲିକାରୁ କାଟି ଦିଆଯାଇଛି। ଏହାକୁ ନେଇ ଅଭିଭାବକ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବାଦରେ ଗ୍ରାମବାସୀ ଶନିବାର ସକାଳେ ଗେଟ ସମ୍ମୁଖରେ ଦୀର୍ଘସମୟ ଧରି ଧାରଣାରେ ବସି ରହିଥିଲେ। ଶିକ୍ଷା ବିଭାଗରେ ସମୀକ୍ଷା ବୈଠକ ପାଇଁ ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ଓ ଅନ୍ୟାନ୍ୟ ଶିକ୍ଷାଧିକାରୀ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ଖବରପାଇ ସେମାନଙ୍କୁ ଭେଟି ଦାବି ଜଣାଇଥିଲେ। ମନ୍ତ୍ରୀ ଓ ଅଧିକାରୀ ଏହା ଉପରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଥିଲେ। ଧାରଣାରେ ସାମିଲ ଥିବା ପୁରାତନ ଛାତ୍ର ତଥା ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ବିଜୟ ବାରିକ, ତପନ କୁମାର ବେହେରା, ଶତ୍ରୁଘ୍ନ ଦାସ, ସଞ୍ଜୟ ଦଳେଇଙ୍କ କହିବା

### ୨୦କି.ମି. ଦୂର କେନ୍ଦ୍ରରେ ପରୀକ୍ଷା ଦେବେ ସଂସ୍କୃତ ବିଦ୍ୟାଳୟ ଛାତ୍ରୀଛାତ୍ର

ଚଳିତବର୍ଷ ଖଇରା ବ୍ଲକରେ ପରୀକ୍ଷା କେନ୍ଦ୍ର ନିରୂପଣରେ ଶିକ୍ଷାବିଭାଗ ସ୍ୱେଚ୍ଛାଚାରିତା ଦେଖାଇଥିବା ନେଇ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରିଛନ୍ତି। ଗୋଟିଏପଟେ ଭିତ୍ତିଭୂମିର ସୁବିଧା ଥିଲେ ନିଜ ବିଦ୍ୟାଳୟରେ ପରୀକ୍ଷାକେନ୍ଦ୍ର କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ବହୁ ଅନୁଷ୍ଠାନକୁ ଯଥେଷ୍ଟ ଦୂରତାରେ ଥିବା କେନ୍ଦ୍ରରେ ଟ୍ୟାଗ କରିବାକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟରେ ସବୁ ପ୍ରକାର ସୁବିଧା ଥିବା ସତ୍ତ୍ୱେ ୨୦କି.ମି. ଦୂର ତୁଡିଗଡିଆ ନୀଳାମ୍ବର ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ସ୍ଥାନାନ୍ତର କରାଯିବାକୁ ନେଇ ବିଭାଗର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅସହ୍ୟ ଗରମ ସାଙ୍ଗକୁ ଖର୍ଚ୍ଚାନ୍ତକୁ ଦୃଷ୍ଟିରେ ରଖି ନିଷ୍ପତ୍ତିରେ ପରିବର୍ତ୍ତନ କରି ପାଖ ପରୀକ୍ଷା କେନ୍ଦ୍ରକୁ ଆଣିବାକୁ ଦାବି ହୋଇଛି।


ଅଭିଭାବକମାନେ ଧାରଣାରେ ବସିଛନ୍ତି।

ଅନୁଯାୟୀ ବିଦ୍ୟାଳୟ ୫ଟିରେ ଅନ୍ତର୍ଭୁକ୍ତ ହେବା ପରେ ଭିତ୍ତିଭୂମି ଯଥେଷ୍ଟ ସୁଦୃଢ ଅଛି। ପିଲା ସଂଖ୍ୟା ୫୬ ଥିବା ବେଳେ ୩ କି.ମି. ଦୂର ମାତ୍ର ୩୬ ପିଲା ଥିବା ଏକ ବିଦ୍ୟାଳୟରେ ଗଡପୋଖରୀ ହାଇସ୍କୁଲକୁ ଟ୍ୟାଗ କରାଯିବା ଦୁର୍ଭାଗ୍ୟଜନକ। ଯଦି ଶିକ୍ଷାଧିକାରୀମାନେ ନିଷ୍ପତ୍ତିରେ ପରିବର୍ତ୍ତନ ନ କରନ୍ତି ତେବେ ବିଦ୍ୟାଳୟ ବନ୍ଦ ସହ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅଚଳ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଖଡ଼ିଆ ସମ୍ପ୍ରଦାୟର ୨୨ ପରିବାରକୁ ମିଳିଲା ଜମି ପଟ୍ଟା


ଉପଜିଲାପାଳ ଓ ତହସିଲଦାରଙ୍କ ସହ ପଟ୍ଟା ପାଇଥିବା ଲୋକେ।

**ସାରସକଣା, ୧୬।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ତହସିଲ ଅଧୀନ ପାଣ୍ଡରା ପଞ୍ଚାୟତରେ ବସବାସ କରୁଥିବା ଖଡ଼ିଆ ସମ୍ପ୍ରଦାୟର ୨୨ ପରିବାରକୁ ସରକାରୀ ଯୋଜନାରେ ଘର ଜମି ପଟ୍ଟା ଯୋଗାଇ ଦିଆଯାଇଛି। ପ୍ରକାଶଥାଉ କି, ଦୀର୍ଘ ବର୍ଷ ଧରି ଏହି ସମ୍ପ୍ରଦାୟର ଲୋକେ ସରକାରୀ ଜମିପଟ୍ଟା ପାଇଁ ଦାବି କରି ଆସୁଥିଲେ। ବୁଧବାର ଉପ ଜିଲାପାଳ ଅନ୍ୟା ଦାସ ଏବଂ ତହସିଲଦାର ଲଲାଟେନ୍ଦୁ ସିସମସ୍ତଙ୍କୁ ସାରସକଣା ତହସିଲ କାର୍ଯ୍ୟାଳୟରେ ପଟ୍ଟା ପ୍ରଦାନ କରିଥିଲେ।

## ଦାବି ପୂରଣ ନ ହେଲେ ଛାତ୍ର ଆନ୍ଦୋଳନ

**ବାରିପଦା ଅଫିସ,୧୬।୪**

ମୟୂରଭଞ୍ଜ ଜିଲା ବାରିପଦା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ବିଏଡ୍ ଓ ଏମ୍‌ଏଡ୍ ଛାତ୍ରୀଛାତ୍ର ମୌଳିକ ସମସ୍ୟାର ସାମାଧାନ ଦାବି ନେଇ ଶନିବାର କୁଳପତିଙ୍କୁ ଭେଟିଛନ୍ତି। ଏହାସହ ବିଶ୍ୱବିଦ୍ୟାଳୟର କୁଳାଧିପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ୫-ଟି ସଚିବ ଓ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମାସକ ମଧ୍ୟରେ ଦାବି ପୂରଣ ନହେଲେ ଛାତ୍ର ଅଶାନ୍ତି ବୃଦ୍ଧି ପାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

୨୦୧୬ରୁ ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ୫୦ଜଣ ଛାତ୍ରୀଛାତ୍ର ନାମ ଲେଖାଇବା ବାବଦରେ ୫୧ ହଜାର ୧୯୪ ଟଙ୍କା ଆଡ୍‌ମିଶନ ଫି' ପଇଠ କରିଆସୁଛନ୍ତି। ଏନ୍‌ସିଇଟି ପକ୍ଷରୁ ଧାର୍ଯ୍ୟ ହୋଇଥିବା ନିୟମାନୁଯାୟୀ ପ୍ରତି ୧୫ ଜଣରେ ଜଣେ ଲେଖାଏ ପ୍ରାଧ୍ୟାପକ ନିଯୁକ୍ତି କରିବାର ବ୍ୟବସ୍ଥା ରହିଛି। ତେବେ ଅଦ୍ୟାବଧି ୧୫୦ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ୪ ଜଣ ପ୍ରାଧ୍ୟାପକ ଶିକ୍ଷାଦାନ କରୁଛନ୍ତି। ସେହିପରି ଆବଶ୍ୟକ ଶ୍ରେଣୀଗୃହ ନ ଥିବାବେଳେ ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ଫଳରେ ୩ ବର୍ଷ ପାଠ୍ୟକ୍ରମ ପରେ ଜାତୀୟ ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ସାମ୍ନା କରିବାକୁ କଷ୍ଟସାଧ ହେବ ବୋଲି ଛାତ୍ର ରୁଦ୍ର ପ୍ରସାଦ ନାୟକ, ଆକାଶ ମହାରଣା, ସୋହନ ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି। କେବଳ ସାର୍ଟିଫିକେଟ ହାସଲ କରି ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି ପୂର୍ବକ ଭବିଷ୍ୟତ ନିର୍ମାଣ କରିବାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଛାତ୍ର ନବଜ୍ୟୋତି ଶାଶ୍ୱତ ମହାନ୍ତ, ସନ୍ତୋଷ ଜେନା, ରୋହିତ ସିଂହ ଓ ଗୁରୁ ପ୍ରସାଦ ସାହୁ କ୍ଷୋଭର ସହ କହିଛନ୍ତି। ଏହାକୁ ନେଇ ଛାତ୍ର ଅଭିଷେକ ପଣ୍ଡା ଓ ଶୁଭଜିତ ପାଣିଙ୍କ ନେତୃତ୍ୱରେ କୁଳପତି ପ୍ରଫେସର କିଶୋର ବସାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## 'ପୁରାତନ ଛାତ୍ରୀଛାତ୍ର ଅନୁଷ୍ଠାନର ସମ୍ପଦ'

**ସିମୁଳିଆ, ୧୬।୪(ଡି.ଏନ.ଏ.)**


ବିଷୁବ ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ଓ ଅପାଭାଇମାନେ।

୧୯୮୦ରୁ ସିମୁଳିଆ ବ୍ଲକ ଭଗିଆ ଅଞ୍ଚଳରେ ପ୍ରତିଷ୍ଠିତ ଶ୍ରୀଅରବିନ୍ଦ ମିଶନ ଟ୍ରଷ୍ଟ ଆଶ୍ରମରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ନେଇ କାଦବରାଙ୍ଗ ସ୍ଥିତ ମାତୃବିହାର ପରିସରରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ବ୍ୟାପୀ ବିଷୁବ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିବା ପୁରାତନ ଛାତ୍ରୀଛାତ୍ରମାନେ ବିଗତ ଦିନର କାର୍ଯ୍ୟଧାରାକୁ ନିଜ ଭିତରେ ଉଜ୍ଜୀବିତ କରିବା ପାଇଁ ପ୍ରୟାସ କରିଥିଲେ। ଏହି ଅବସରରେ ଗୁରୁବାର ପୂର୍ବାହ୍ନ ୧୦ଟାରୁ ବନ୍ଧୁନାମ ଶୁଭାଗମନମ୍, ଅପରାହ୍ନ ୫ଟାରେ ମାତୃ ପତାକା ଉତ୍ତୋଳନ, ସମବେତ ଧ୍ୟାନ, ପ୍ରାର୍ଥନା, ସନ୍ଧ୍ୟାରେ ପରସ୍ପର ପରିଚୟ ପ୍ରଦାନ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପ୍ରାତଃରେ ପ୍ରାର୍ଥନା, ପରିବେଶ ପ୍ରସ୍ତୁତି, ପାଠଚକ୍ର, ସାଙ୍ଗଠନିକ ଆଲୋଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ରୀଛାତ୍ର ଓ ଅପାଭାଇମାନେ ଆଶ୍ରମ ଜୀବନର

### ଶ୍ରୀମା ଅରବିନ୍ଦ ଆଶ୍ରମରେ ବିଷୁବ ବନ୍ଧୁମିଳନ

ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅପାଭାଇମାନେ ପୁରାତନ ଛାତ୍ରୀଛାତ୍ର ଅନୁଷ୍ଠାନର ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ। ଗତ ୪୨ବର୍ଷ ପରେ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନିକଟରେ ପାଇ ପରସ୍ପର ଆତ୍ମବିଭୋର ହୋଇଯାଇଥିଲେ। ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ସହିତ ସେବା ଯୋଗାଇ ଆସିଥିବା ଅପାଭାଇମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଭିନ୍ନ ଅପାଭାଇଙ୍କ ମଧ୍ୟରେ ବନଜା ବେଉରିଆ, ମାଳତୀ ଜେନା, ବୀଣାପାଣି ନାୟକ, ରଶ୍ମିରଞ୍ଜନ ବେଉରିଆ, ସୌରକାନ୍ତି ମହାନ୍ତି, ରତିକାନ୍ତ ନାୟକ, ଭାଗିରଥି ପାଢ଼ୀ, ମିନତୀ ମହାନ୍ତି, ସୂର୍ଯ୍ୟମଣି ବୋଇତି, ଅବନ୍ତୀ ପଣ୍ଡା, କୋଇଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାତୃବିହାରର ପୃଷ୍ଠପୋଷକ ଲକ୍ଷ୍ମୀଧର ପାଳ ମୁଖ୍ୟ ସହଯୋଗୀ ଥିଲେ। ପୁରାତନ ଛାତ୍ର ଉପେନ୍ଦ୍ର କୁମାର ବିଶ୍ୱାଳ, କରୁଣାକର ଦାସ ଓ ମିନକେତନ ପଣ୍ଡା ମଞ୍ଚ ସଞ୍ଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ଅରୋଶ୍ରୀ ଛାତ୍ର ସଙ୍ଗଠନ ନାମରେ ଏକ ସଙ୍ଗଠନ ସୃଷ୍ଟି କରିବା ସହିତ ଆଗାମୀ ସୁବର୍ଣ୍ଣଜୟନ୍ତୀ ଉତ୍ସବ ପାଳନ ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା।

## ମାଛ ଧରିବାକୁ ଯାଇ ପୋଖରୀରେ ବୁଡ଼ିଗଲେ

**ମୋରଡ଼ା/ବାରିପଦା ଅଫିସ, ୧୬।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତ ତଳସାହି ଗ୍ରାମର ଶରତ ଚନ୍ଦ୍ର ମହାନ୍ତ ନାମକ ବ୍ୟକ୍ତି ମାଛ ଧରିବାକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ଶରତ ଚିତ୍ରଡ଼ାର ମାଛଧରା ଟିମ୍ ସହ ରାସଗୋବିନ୍ଦପୁର ବ୍ଲକ ଖୁଣ୍ଟାପାଳ ଗ୍ରାମର ଏକ ପୋଖରୀକୁ ମାଛ ଧରିବା ପାଇଁ ଯାଇଥିଲେ। ମାଛ ଧରିବା ସମୟରେ କୌଣସି କାରଣରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ପୋଖରୀରୁ ମୃତଦେହ ମିଳିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା (ନଂ.୧୫/୨୨) ରୁଜୁ କରାଯାଇଛି।

## କରଞ୍ଜାବିନ୍ଧାରେ କୋଇଲି ଓଷା ଉଦ୍‌ଯାପିତ

**ବାହାନଗା, ୧୬।୪(ଡି.ଏନ.ଏ.)**

ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଉପରକରଞ୍ଜାବିନ୍ଧା ଗ୍ରାମରେ ଅନୁଷ୍ଠିତ କୋଇଲି ଓଷା ଉଦ୍‌ଯାପିତ ହୋଇଛି। ଏହି ଓଷାରେ ଝିଅମାନେ ୭ଦିନ ପୂର୍ବରୁ ପୋଖରୀରେ ଗାଧୋଇ କାଦୁଅ ମାଟିକୁ ପୂଜା କରି ସେହି ମାଟିରେ କୋଇଲି ଚଢେଇ ତିଆରି କରି ୭ଦିନ ପର୍ଯ୍ୟନ୍ତ ପୂଜା କରିଥାନ୍ତି। ସଂକ୍ରାନ୍ତି ରାତିରେ ଏହି ବ୍ରତ ଶେଷ ହୋଇଥାଏ। ଉଦଯାପନୀ ଦିନ କୋଇଲିକୁ ଏକ ବିମାନରେ ବସାଇ ସାହି ଓ ଗ୍ରାମ ପରିକ୍ରମା କରି ରାତିରେ ଗଛ ଉପରେ ଚଢାଇଥାନ୍ତି। ଏହି ବିମାନକୁ ଡିଜେ ବଜାଇ ଗ୍ରାମ ପରିକ୍ରମା କରାଯାଇଥାଏ। ନାଗେନ୍ଦ୍ର ବିଜୁଳିଙ୍କ ତତ୍ତ୍ୱାବଧାନରେ କୋଇଲି ଓଷା ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ଗ୍ରାମର ଶାନ୍ତୁନ ପ୍ରକାଶ ଦାସ, ପବିତ୍ର ଦାସ, ଗାୟତ୍ରୀ ଯେନା, ସୁବ୍ରତ ଯେନା, ବସନ୍ତ କୁମାର ଯେନା ପ୍ରମୁଖଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିର ବାର୍ଷିକ ମହୋତ୍ସବ

**ଧାମନଗର,୧୬।୪(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ କାଳୀବଜାର ସ୍ଥିତ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିର ୩୫ତମ ବାର୍ଷିକ ମହୋତ୍ସବ ଓ ବୈଦିକ ଯଜ୍ଞ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ଣ୍ଣାହୁତି ଦିଆଯାଇଛି। ପ୍ରଥମ ଦିବସରେ ସମିତିର ବରିଷ୍ଠ ସଦସ୍ୟ ରବୀନ୍ଦ୍ର ନାଥ କର ଓମ୍‌ଧ୍ୱଜା ଉତ୍ତୋଳନ କରିଥିଲେ। ପଣ୍ଡିତ ନକୁଳଦେବ ଶାସ୍ତ୍ରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ସୁଶାନ୍ତ କୁମାର ପାତ୍ର ଓ ତାଙ୍କ ସ୍ତ୍ରୀ, ଖଗେଶ୍ୱର ଜେନା ଓ ତାଙ୍କ ସ୍ତ୍ରୀ କର୍ତ୍ତାକର୍ତ୍ତୀ ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପରିବ୍ରାଜକ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ବେଦପୀୟୁଷ ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଅଗ୍ନିହୋତ୍ରୀ ବ୍ରହ୍ମଚାରୀ ନୃସିଂହଜୀ, ପଣ୍ଡିତ ସୁଧାକର ଶାସ୍ତ୍ରୀ ଓ ବିଜୟ କୁମାର ଶାସ୍ତ୍ରୀ ପ୍ରବଚନ ପ୍ରଦାନ କରିଥିଲେ। ସମିତିର କୃତିବାସ ତ୍ରିପାଠୀ, ପ୍ରମୋଦ ନାୟକ, ବିଷ୍ଣୁଚରଣ ଦାସ, ଘନଶ୍ୟାମ ଥାଟୋଇ, କମଳାକାନ୍ତ ଦାସ, ରାସବିହାରୀ ମହାନ୍ତି, ରଣଜିତ ମହାନ୍ତି, ପ୍ରଶାନ୍ତ ସାହୁ, ପରମେଶ୍ୱର ଜେନା, ଜ୍ଞାନେନ୍ଦ୍ର ସାହୁ, ପ୍ରଭାତ ସାମଲ, ବ୍ରଜକିଶୋର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ ଜଙ୍ଗଲୀ ବିରାଡ଼ି ଚମଡା ଜବତ: ଜଣେ ଗିରଫ

**ବିଶୋଇ,୧୬।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ବନାଞ୍ଚଳ ଅଧୀନରେ ଶନିବାର ୩ ଜଙ୍ଗଲୀ ବିରାଡ଼ି ଚମଡା ଜବତ କରାଯାଇଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମଣଦା ପଞ୍ଚାୟତ ରାଧାନଗର ଗ୍ରାମର କୁଶା ବିରୁଆ(୫୫)। ସୂଚନାଥାଉକି, କୁଶା ନିଜ ଘରର ବାଡ଼ିରେ ଏହି ୩ ଗୋଟି ଜଙ୍ଗଲ ବିରାଡ଼ିର ଚମଡା ଶୁଖାଇ ରଖିଥିଲେ। ବନବିଭାଗ କୌଣସି ସୂତ୍ରରୁ ଖବରପାଇ ସକାଳ ସମୟରେ ମଣଦା ବନାଞ୍ଚଳ ଅଧିକାରୀ ଧରିତ୍ରୀ ମୁର୍ମୁଙ୍କ ନେତୃତ୍ୱରେ ବନପାଳ ସୁଶାନ୍ତ ପାତ୍ର, ବନରକ୍ଷୀ ହିମାଂଶୁ ସେଠି, ବନରକ୍ଷୀ ସୁନୀଲ ମହାନ୍ତ, ବନରକ୍ଷୀ ଚକ୍ରଧର ମହାନ୍ତ ପ୍ରମୁଖ ପହଞ୍ଚି ଅଭିଯୁକ୍ତ କୁଶାଙ୍କୁ ଗିରଫ କରିଥିଲେ। ଜବତ ୩ ଗୋଟି ଚମଡ଼ାର ଲମ୍ବ ଓ ଓସାର ଯଥାକ୍ରମେ ୨୨/୪ ଇଞ୍ଚ, ୨୬/୪ ଇଞ୍ଚ ଓ ୨୨/୫ ଇଞ୍ଚ। ଏହି ଚମଡାର ଆନୁମାନିକ ମୂଲ୍ୟ ୩୦ରୁ ୪୦ ହଜାର ହେବ। ଏହି ଘଟଣାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତେବେ,ଏହି ଜଙ୍ଗଲୀ ବିରାଡ଼ିଙ୍କୁ ମଣଦା ବନାଞ୍ଚଳରେ ଶିକାର କରାଯାଇଥିବା ଜଣାପଡିଛି।



ଜବତ ଚମଡ଼ା ସହ ଗିରଫ ଅଭିଯୁକ୍ତ।

## ମୁଣ୍ଡା ସମାଜର ବାହାବଙ୍ଗା ପରବ

**କୁଆମରା,୧୬।୪(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ସ୍ଥିତ ଗୋହିରାଡ଼ିଆଠାରେ ମୁଣ୍ଡା ସମାଜ ପକ୍ଷରୁ ବାହାବଙ୍ଗାପରବ ପାଳିତ ହୋଇଯାଇଛି। ମୁଣ୍ଡା ସମାଜର ଏହା ମୁଖ୍ୟ ପର୍ବ ହୋଇଥିବା ବେଳେ ଏଥିରେ ଆଦିବାସୀ ସମ୍ପ୍ରଦାୟର ସମସ୍ତ ମହିଳା ଓ ପୁରୁଷ ସାମିଲ ହୋଇଥାନ୍ତି। ପୂଜକଙ୍କ ତତ୍ତ୍ୱାବଧାନରେ ଯୁବତୀ ଯୁବକମାନେ ଉପବାସ ବ୍ରତ ରଖି ସ୍ଥାନୀୟ ଜଙ୍ଗଲରୁ ଶାଳ ବୃକ୍ଷ, ମହୁଲ ଫୁଲ ଓ ଶ୍ରେଷ୍ଠ ଫଳ ଭାବେ ଆମ୍ବକୁ ପୂଜା କରିଥାନ୍ତି। ସେହି ଗଛର ଖଣ୍ଡିଏ ଲେଖା ଡାଳ ଧରି ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପରେ ରଖି ନିଜ ନିଜର ମାନସିକ ପୂରଣ ପାଇଁ ଭୋଗ ଡାଲା ସମର୍ପଣ କରିଥାନ୍ତି। ଏହି ଅବସରରେ ଅପରାହ୍ନରେ ଆୟୋଜିତ ଏକ ସଭାରେ ମୁଖ୍ୟଅତିଥି ଭାବେ ଭାରତ ମୁଣ୍ଡା ସମାଜର ରାଜ୍ୟ ସଭାପତି ରବୀନ୍ଦ୍ର ନାଥ ସିଂ, ମୁଖ୍ୟବକ୍ତା ବାଲେଶ୍ୱର ଜିଲା ସଭାପତି ବାଙ୍କବିହାରୀ ସିଂ, ସମ୍ମାନିତ ଅତିଥି ମୁଣ୍ଡାରୀ ଭାଷା ବିକାଶ ପରିଷଦ କାଳିଆପଦାର ଶଶିଧର ସିଂ, ସମାଜ ସେବୀ ଗୌରହରି ସିଂ, କମଳା କାନ୍ତ ସିଂ, ହରେକୃଷ୍ଣ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ସଭାପତି ନାଗା ସିଂ ସଭା ପରିଚାଳନା କରିଥିଲେ। ସମ୍ପାଦକ ମାଧବ ସିଂ ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ସନ୍ତୋଷ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଇଂ. ଜିତେନ ସିଂ, ଦାସରଥି ସିଂ, ପଙ୍କଜିନୀ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଣ୍ଡା ଡାହି, ମାଙ୍କଡ଼କେନ୍ଦା, ନୂଆସାହି, ଭଂଗାଚଟୁ ଓ କାଳିଆପଦା ଗ୍ରାମର ଲୋକେ ଏହି ପର୍ବରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କାଳବୈଶାଖୀ: କୁଆପଥର ବର୍ଷା

ମୋରଡା,୧୬।୪ (ଡି.ଏନ.ଏ.): ସାରା ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ମୟୁରଭଞ୍ଜ ଜିଲା ମୋରଡା ବ୍ଲକରେ ମଧ ପ୍ରବଳ ଗରମ ଅନୁଭୂତ ହେଉଛି। ଏହି ଗରମରୁ ଶନିବାର ସାମାନ୍ୟ ଆଶ୍ୱସ୍ତି ମିଳିଛି। ଶନିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ଯୋଗୁ କୁଆପଥର ମାଡ଼ ହୋଇଛି। ହାଲୁକା ଝଡ଼ପବନ ଓ କିଛି ସମୟ ବର୍ଷା ସହ ବ୍ଲକର ଚିତ୍ରଡା, ମୋରଡା, ବାରମାଇଲ, ଝିଙ୍କିରିଆ ଏବଂ ଅନ୍ୟ କେତେକ ସ୍ଥାନରେ ମଧ କୁଆପଥର ବର୍ଷା ହୋଇଛି।

### ୨୪ଘଣ୍ଟିଆ ତ୍ରିରଙ୍ଗା ପତାକା ଉଡ଼ାଣ ନେଇ ଦାବିପତ୍ର

ବାରିପଦା ଅଫିସ, ୧୬।୪: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅହୋରାତ୍ର ଜାତୀୟ ପତାକା ଉଡ଼ାଣ ନିମନ୍ତେ ଏକ ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଉପସ୍ଥିତିରେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଜାତୀୟ ପତାକା ଉଡ଼ିବା ଦ୍ୱାରା ବିଦ୍ୟାର୍ଥୀଙ୍କ ମଧରେ ରାଷ୍ଟ୍ରପ୍ରେମ ଜାଗ୍ରତ ହେବ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ବିଶ୍ୱ ବିଦ୍ୟାଳୟର ସଂଯୋଜକ ଏମ.ପି ଜ୍ୟୋତିପ୍ରକାଶ, ଅଂଶୁମାନ ମହାରଣା, କଳ୍ପତରୁ ଦାଶ, ପ୍ରଦୀପ କୁମାର ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର ଓ ପରମେଶ୍ୱର ବାରିକ ଉପସ୍ଥିତ ଥିଲେ।

### ମା' ଓକେଇଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

ମୋରଡ଼ା, ୧୬।୪(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାର ଅଞ୍ଚଳର ଅଧିଷ୍ଠିତ ଦେବୀ ମା' ଓକେଇଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ମନ୍ଦିରର ମୁଖ୍ୟ ପୂଜାରୀ ପୀତାମ୍ବର ଦେହୁରୀ ଓ ହେମନ୍ତ ଦେହୁରୀ ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ଭକ୍ତମାନେ ପୂଜା କରିଥିଲେ। ସମସ୍ତ ଭକ୍ତ ତଥା ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା।

### ଶିକ୍ଷକଙ୍କ ପରଲୋକରେ ଶୋକ

ପାଟଣା, ୧୬।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁଙ୍କର ଗତ ବୁଧବାର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁତ୍ର ଦେବେନ୍ଦ୍ର ,ଧର୍ମେନ୍ଦ୍ର ,ପୁତ୍ର ବଧୂ , ଝିଅ ଜ୍ୱାଇଁ ଓ ଆତ୍ମୀୟ ସଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

### ମୋହରିର ସଂଘର ନୂତନ କର୍ମକର୍ତ୍ତା

ଭଦ୍ରକ ଅଫିସ,୧୬।୪-ଭଦ୍ରକ ମୋହରିର ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲା ପୁରୁଣା କୋର୍ଟ ମୋହରିର ସଦନଠାରେ ବରିଷ୍ଠ ସଦସ୍ୟ ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ଉମାକାନ୍ତ ସାହୁ, ଉପସଭାପତି ପ୍ରମୋଦ କୁମାର ଦାସ, ସମ୍ପାଦକ ରାମଚନ୍ଦ୍ର ନାୟକ, ସହସମ୍ପାଦକ ଜଗବନ୍ଧୁ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ନରେନ୍ଦ୍ର ପ୍ରସାଦ ଦାସଙ୍କୁ ଚୟନ କରାଯାଇଛି। ଅଜୟାନନ୍ଦ ମହାପାତ୍ର, ନିଶାକର ସାହୁ, ଗୟାଧର ବେହେରା, ସର୍ବେଶ୍ୱର ଜେନା ଓ ରବୀନ୍ଦ୍ର କୁମାର ନାୟକ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି।

### କଲ୍ୟାଣୀରେ କଣ୍ଟାଫୋଡ଼ା ଘଣ୍ଟଯାତ୍ରା

ଧାମନଗର,୧୬।୪-ଭଦ୍ରକ ଜିଲା ଧାମନଗର ବ୍ଲକ କଲ୍ୟାଣୀ ଗ୍ରାମରେ ଐତିହାସିକ କଣ୍ଟାଫୋଡ଼ା ଘଣ୍ଟଯାତ୍ରା ପାଳିତ ହୋଇଯାଇଛି। ଏହି ପର୍ବରେ ଜିଭରେ ରୁପା ଓ ଲୁହା କଣ୍ଟା ଫୋଡ଼ିବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ବିଷୁବ ସଂକ୍ରାନ୍ତିର ସାତଦିନ ପୂର୍ବରୁ ଏହି ପର୍ବ ଆରମ୍ଭ ହୋଇଥିଲା। ପାଟୁଆ ଯାତ୍ରା, ନିଶାଘଣ୍ଟ, ପୁରୀଘଣ୍ଟ ଓ ସମସ୍ତ ସପ୍ତମାତୃକା କାଳିଶୀ ହୋଇ ଘଣ୍ଟ ପଡ଼ିଆରେ କାଳିଶୀ ନାଚ ହୋଇଥିଲା। ମାସନ୍ତ ଦିନ ମା' ବୁଢ଼ୀଜାଗୁଳାଇଙ୍କ ପାଖରେ ଭଗବାନ ନୃସିଂହଙ୍କ ପୂଜାର୍ଚ୍ଚନା ପରେ ମାନସିକଧାରୀ ଲୁହାକଣ୍ଟାରେ ଜିଭ ଫୋଡ଼ିଥିଲେ। ସେହିପରି ବିଷୁବ ସଂକ୍ରାନ୍ତିରେ ପୁରୀଘଣ୍ଟ ପଡ଼ିଆରେ ମା' ବାସୁଳି ରୁପାକଣ୍ଟାରେ ଜିଭ ଫୋଡ଼ାଇ ଖଣ୍ଡା ଉପରେ ଛିଡ଼ାହୋଇ ଗାଁ ଭ୍ରମଣ କରିଥିଲେ। ଏହାକୁ ଦେଖିବା ପାଇଁ ସେଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

# ଅବ୍ୟବସ୍ଥାରେ ଚାଲିଛି ଗ୍ରୀଷ୍ମ ମହୋତ୍ସବ

କେନ୍ଦୁଝର, ୧୬।୪ (ସ୍ୱ.ପ୍ର.)

କେନ୍ଦୁଝର ସହରସ୍ଥିତ କାଳିପଡ଼ିଆରେ ଚାଲିଥିବା ଗ୍ରୀଷ୍ମ ମହୋତ୍ସବରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କୋଭିଡ୍ କଟକଣା ଯୋଗୁ କାଳିପଡ଼ିଆରେ ଦୀର୍ଘ ଦିନ ହେଲା ମେଳା ଓ ମହୋତ୍ସବ ବନ୍ଦ ରହିଥିଲା। କୋଭିଡ୍ କଟକଣା ଉଠିବା ପରେ ଗ୍ରୀଷ୍ମ ମହୋତ୍ସବ ଆରମ୍ଭ ହୋଇଛି। ଏଣୁ ପ୍ରବଳ ଭିଡ଼ ଆଶଙ୍କା ରହିଛି। ତେବେ ନିୟମ ଅନୁସାରେ ଏଭଳି ମେଳା ବା ପ୍ରଦର୍ଶନୀ ପାଇଁ ଆୟୋଜକଙ୍କ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତିଧାନ ଦେବା ସହ ଏଥିପାଇଁ ପ୍ରଶାସନର ଅନୁମତି ନେବାକୁ ପଡ଼ିଥାଏ। ବିଦ୍ୟୁତ୍, ପୋଲିସ ବିଭାଗ,ଅଗ୍ନିଶମ,ତହସିଲ,ପୌରପାଳିକା ଆଦି ବିଭାଗରୁ ଅନୁମତି ନେବା ଜରୁରୀ ଥିବାବେଳେ ଏକ ଘରୋଇ ସଂସ୍ଥାକୁ ଲାଭଜନକ ବ୍ୟବସାୟ ପାଇଁ କେଉଁ ସର୍ତ୍ତରେ ଅନୁମତି ମିଳିଛି ତାହାର ତଦନ୍ତ ଦାବି ହେଉଛି ।

ସେହିପରି କେତୋଟି ଦୋକାନ ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି ଓ କେତୋଟି ଚାଲିଛି ତାହା ତଦନ୍ତ ସାପେକ୍ଷ। ଏହି ପଡିଆ ବ୍ୟବହାର ବାବଦକୁ କେତେ ଟଙ୍କା ରାଜସ୍ୱ ପୈଠ ହୋଇଛି ଏବଂ ପୂର୍ବରୁ କେତେ ଆଦାୟ ହେଉଥିଲା ସେ ସବୁ ଯାଞ୍ଚ ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହା ବ୍ୟତୀତ ମହୋତ୍ସବକୁ ଆସୁଥିବା ସାଧାରଣ ଲୋକଙ୍କ ପାଇଁ କୌଣସି ପ୍ରକାର ଡଷ୍ଟବିନ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ ଆବର୍ଜନା ଏଣେ ତେଣେ ପଡ଼ି ପରିବେଶ ପ୍ରଦୂଷିତ ହେଉଛି। ଦୂରଦୂରାନ୍ତରୁ ଆସୁଥିବା ମହିଳା ଓ ପୁରୁଷଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେମାନେ ବହୁ ଅସୁବିଧା ଭୋଗୁଛନ୍ତି। ସେହିପରି ଜିଲାରେ ତାପମାତ୍ରା ୪୦ ଡିଗ୍ରୀ ଟପି ଥିବାରୁ ପ୍ରବଳ ଗରମ ଅନୁଭୂତ ହେଉଛି। ଏଣୁ ମେଳାକୁ ଦୈନନ୍ଦିନ ଆସୁଥିବା ବହୁ ସଂଖ୍ୟକ ଲୋକଙ୍କ ପାଇଁ ପିଇବା ପାଣିର ସୁବନ୍ଦୋବସ୍ତ, ଅଘଟଣ ଏଡାଇବା ପାଇଁ ଅଗ୍ନିସେବା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇ ନ ଥିବାରୁ ଲୋକେ ହିନସ୍ତା ହେଉଛନ୍ତି। ଜିଲା ପ୍ରଶାସନର ନାକ ତଳେ ମହୋତ୍ସବ ଚାଲିଥିବା ବେଳେ କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବେ ସେ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଉଛନ୍ତି। ଏନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ବିନା ଅନୁମତିରେ ମହୋତ୍ସବ ଚାଲିଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭଣ୍ଡାରିପୋଖରୀ ପାଇଁ ଖବରଦାତା ଆବଶ୍ୟକ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧରେ ଆବେଦନ କରିପାରିବେ।

## ସରିଲା କୁଆଁରୀଙ୍କ କୋଇଲି ପୂଜା



କୋଇଲି ପୂଜା ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ, ୧୬।୪

ବାଲେଶ୍ୱର ସଦର ବ୍ଲକ ରଣସାହିଠାରେ ପ୍ରକୃତି ପରିବେଶ ପରମ୍ପରାର ଉତ୍ସବ 'କୋଇଲି ପୂଜା' ଅନୁଷ୍ଠିତ ହୋଇଛି। କେତେକ ସାମାଜିକ ଅନୁଷ୍ଠାନ ଓ ରଣସାହି ଯୁବ ପରିଷଦ ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ପରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଣା ସଂକ୍ରାନ୍ତି ୭ଦିନ ପୂର୍ବରୁ କୁଆଁରୀମାନେ ମାଟିରେ ନିର୍ମିତ କୋଇଲି ତିଆରି କରି ନିଷ୍ଠାର ସହ ପୂଜା କରିଥିଲେ। ଭଉଣୀଭାଇ ମଧରେ ଥିବା ସ୍ନେହର ସମ୍ପର୍କକୁ ପାଥେୟ କରି ସଂକ୍ରାନ୍ତି ଦିନ ଭଉଣୀ ଦ୍ୱାରା ନିର୍ମିତ ମାଟିର କୋଇଲିକୁ ଭାଇ କାନ୍ଧରେ ଭାର କରି ନେଇ ଆମ୍ବଗଛରେ ଛାଡ଼ିବାକୁ ଯାଇଥିଲେ। ଏହି ଉତ୍ସବରେ ପ୍ରଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ମୁଖ୍ୟବକ୍ତା ଭାବେ ଜିଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ରଣସାହି ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରା, ସାମାଜିକ ଅନୁଷ୍ଠାନ 'ଫାମାସ' ର ସମ୍ପାଦକ ଦିଲୀପ କୁମାର ପରିଡ଼ା, ଡା. ଶାନ୍ତନୁ ଦାସ, ଅଲେଖ କୁମାର ସାହୁ, କାଳେନ୍ଦ୍ର କୁମାର ସ୍ୱାଇଁ, ସୁଶାନ୍ତ କୁମାର ନାୟକ ଯୋଗଦେଇ ଉତ୍ସବର ପାରମ୍ପରିକ ଗାଥାକୁ ଉପସ୍ଥାପନା କରିଥିଲେ। ପ୍ରକୃତି ପରିବେଶ ଉପରେ ବକ୍ତୃତା ପ୍ରତିଯୋଗିତା ତଥା କୋଇଲା ପୂଜାର ଆକର୍ଷଣକୁ ନେଇ ମାନପତ୍ର ପ୍ରଦାନ କରାଯାଇଥିଲା। ଅବନୀ କୁମାର ଜେନା, ପ୍ରଦୀପ କୁମାର ଚଣ୍ଡ, ଗଣେଷ ଚନ୍ଦ୍ର ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

# ବୈଶାଖୀ ମହୋତ୍ସବ ଉଦ୍‌ଯାପିତ



ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ।

ବାଲେଶ୍ୱର ଅଫିସ, ୧୬।୪

ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ଗ୍ରାମର 'ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡ଼ିୟମ୍' ପରିସରରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷରେ ସହସ୍ର ଶ୍ରଦ୍ଧାଳୁ, ଭକ୍ତ ଓ ସଂସ୍କୃତିପ୍ରେମୀମାନଙ୍କ ଗହଣରେ ବୈଶାଖୀ ମହୋତ୍ସବର ଉଦ୍‌ଯାପିତ ହୋଇଯାଇଛି। ବୈଶାଖୀ ମହୋତ୍ସବ କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ରାଷ୍ଟ୍ରର ବିକାଶ ପାଇଁ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସର୍ବୋପରି ଦଳୀୟ ମନୋଭାବର ଊର୍ଦ୍ଧ୍ୱକୁ ଯାଇପାରିବା, ତେବେ ଆମେ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରିବା ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରିର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ସଦର ଥାନାଧିକାରୀ ଅଶୋକ କୁମାର ନାୟକ, ପୂର୍ବତନ ବ୍ରିଟ୍ ଅଧକ୍ଷ ଗୌରୀ କୁମାର ରାଉତ, ବରିଷ୍ଠ ଖବରଦାତା ରତିକାନ୍ତ ପାତ୍ର, ପ୍ରଖ୍ୟାତ ଚିତ୍ରଶିଳ୍ପୀ କେଶୁଦାସ, ପୌରପାଳିକା ଅଧକ୍ଷା ସବିତା ସାହୁ ଏବଂ ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ 'ବୈଶାଖୀ' ସ୍ମରଣିକାର ସହସମ୍ପାଦକ ରମେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକବାଦ୍ୟ ଢୋଲକ ସମ୍ମିଳନୀ

ଚାନ୍ଦବାଲି,୧୬।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଉତୁକୁଡ଼ା ବହୁସିଙ୍ଗିଟି ପଞ୍ଚାୟତର ମା' ତାରିଣୀ ପଡ଼ିଆରେ ଲୋକବାଦ୍ୟ ଢୋଲକ ସମ୍ମିଳନୀ-୨୦୨୨ର ପ୍ରଥମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଛି। ୫ ଢୋଲକ ଆଖଡ଼ା ସହ ୧୮ ଆଖଡ଼ା ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। ଚାନ୍ଦବାଲି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିବା ପରେ ଉଦ୍ଧବ ପଣ୍ଡା ବେଦ ପାଠ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନାଟ୍ୟକାର ଅଟଳ ବିହାରୀ ନାୟକ ଯୋଗଦେଇ ଏହି ଲୋକକଳା ଲୋକନୃତ୍ୟ, ଲୋକନାଟ୍ୟ, ଲୋକବାଦ୍ୟ ଆଦିକୁ ନେଇ ଆମ ଜୀବନ ସମୃଦ୍ଧ ହୋଇଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ତପନ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନିତ ନରେନ୍ଦ୍ର ପରିଡ଼ା, ଶ୍ରମିକ ନେତା ମନୋଜ ବସନ୍ତରାୟ, ସଂଗ୍ରାମ ତ୍ରିପାଠୀ, ଗାୟକ ଅକ୍ଷୟ ନାୟକ, ଅପେରା କଳାକାର ମହାସଂଘ ସଂଯୋଜକ କାଳନ୍ଦୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ବହୁ ପୁରାତନ ଏହି ନିଆରା ପରମ୍ପରାକୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରାଗଲେ ଲୋକଲୋଚନକୁ ଆସିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ପ୍ରତିନିଧି ସୁଶାନ୍ତ କୁମାର ପୁହାଣ ଧନ୍ୟବାଦ ଦେଇଥିଲେ।

# କଳାକୁ ଆପଣାଇଛନ୍ତି ଅନ୍ତର୍ଯ୍ୟାମୀ

ବନ୍ତ,୧୬।୪(ଡି.ଏନ.ଏ.)



ଏକ କାର୍ଯ୍ୟକ୍ରମରେ ଗୀତ ଗାଉଛନ୍ତି ଦିବ୍ୟାଙ୍ଗ ଅନ୍ତର୍ଯ୍ୟାମୀ ପରିଡ଼ା।

ପିଲାବେଳୁ କଳା ପ୍ରତି ତାଙ୍କର ଦୁର୍ବଳତା ଥିଲା। ନିଜର ଦୃଢ଼ ଇଚ୍ଛାଶକ୍ତି ଓ ନିଷ୍ଠା ଯୋଗୁ ଏବେ ହାରମୋନିୟମ, ଢୋଲ ବଜାଇବା ସହ ଗୀତ ଗାଇବାରେ ପାରଙ୍ଗମ ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଖର୍ଦ୍ଦାସାହିର ଅନ୍ତର୍ଯ୍ୟାମୀ ପରିଡ଼ା(୩୭)।

ଜନ୍ମରୁ ଦୃଷ୍ଟିହୀନ ଅନ୍ତର୍ଯ୍ୟାମୀ ଦୁଇବର୍ଷର ହୋଇଥିବା ବେଳେ ଗୁଣୁ ଗୁଣୁ ହୋଇ ଗୀତ ଗାଇବା ସହ ଘରର କୌଣସି ପାତ୍ରକୁ ଢୋଲ ଭାବେ ବ୍ୟବହାର କରି ବଜାଉଥିଲେ। ପୁଅର ଏଭଳି ଗୁଣ ଦେଖି ବାପା ରବି ନାରାୟଣ ପରିଡ଼ା ତାଙ୍କୁ ଉତ୍ସାହିତ କରିଥିଲେ। ଭଦ୍ରକରୁ ଏକ ଢୋଲ କିଣି ଆଣି ତାଙ୍କୁ ଦେଇଥିଲେ। ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲେ ହେଁ ସେ ଧାରକରଜ କରି ପୁଅକୁ ଆଗକୁ ନେଇଥିଲେ। ବାପା, ମା', ଦୁଇ ଭାଇ, ଭଉଣୀ, ସ୍ତ୍ରୀ ଓ ଏକମାତ୍ର ପୁଅଙ୍କୁ ନେଇ ଅନ୍ତର୍ଯ୍ୟାମୀଙ୍କ ପରିବାର। ଯାତ୍ରା ଜଗତର ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ନାୟକଙ୍କ ସହଯୋଗ ପାଇ ପୁଅ ଆଗକୁ ଯାଇଥିବା ରବି ନାରାୟଣ କହନ୍ତି। ଅନ୍ତର୍ଯ୍ୟାମୀ ଆକାଶବାଣୀ ଓ ଦୂରଦର୍ଶନରେ ଗୀତ ଗାଇଛନ୍ତି। ତାଙ୍କ ଗୀତ ଶୁଣୁଥିବା ବ୍ୟକ୍ତି ପାଖରୁ ଉଠି ଯିବାକୁ ମନ କରି ନ ଥାନ୍ତି। ସେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଗୀତ ଗାଇ ନିଜର ପାରଦର୍ଶିତା ଦେଖାଇଛନ୍ତି। ସେ ଭଦ୍ରକସ୍ଥିତ ସଙ୍ଗୀତ ମହାବିଦ୍ୟାଳୟରୁ ଏମ୍‌ଏ ପାସ୍ କରିଛନ୍ତି। ଏଥିରେ ଅଧକ୍ଷ ରାମହରି ମହାନ୍ତି ସହଯୋଗ କରିଥିଲେ। ଭଦ୍ରକସ୍ଥିତ ମନମୋହନ ସଙ୍ଗୀତ ପରିଷଦରେ ନାମ ଲେଖାଇବା ବେଳେ ଦିଲୀପ ବୋଇତ ଓ ବସନ୍ତ ମହାନ୍ତିଙ୍କ ସହଯୋଗ ରହିଥିଲା। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ସଙ୍ଗୀତରେ ପ୍ରଥମ ହୋଇ ପ୍ରମାଣ ପତ୍ର ଓ ପୁରସ୍କାର ହାସଲ କରିଛନ୍ତି। ସେ ଏବେ ଘରୋଇ ସଙ୍ଗୀତ ମହାବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ସରକାରୀ ଭାବେ ତାଙ୍କୁ ପ୍ରୋତ୍ସାହନ ମିଳିଲେ ସେ ଆହୁରି ଆଗକୁ ଯାଇପାରନ୍ତେ ବୋଲି କହିଛନ୍ତି। ଦିବ୍ୟାଙ୍ଗ ଅନ୍ତର୍ଯ୍ୟାମୀଙ୍କୁ ଏପର୍ଯ୍ୟନ୍ତ କଳାକାର ଭତ୍ତା ମିଳୁନାହିଁ। ସରକାରଙ୍କ ପକ୍ଷରୁ ତାଙ୍କୁ ଭତ୍ତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

## ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ

କୁଆମରା, ୧୬।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଆରପଟାଠାରେ ଦୁଇ ବାଇକ୍ ମଧରେ ଧକ୍କା ହେବା ଯୋଗୁ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ମୃତକ ହେଲେ ଅଭୟ କୁମାର। ସୂଚନା ମୁତାବକ ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ଗ୍ରାମର ଅଭୟ ଉଡାଯାତ୍ରା ଦେଖିବାକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ତେବେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇ ଥିବା ବେଳେ ସେଠାରେ ଡାକ୍ତର ଅଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁଆମରା ଫାଣ୍ଡି ଅଧିକାରୀ ବିବି ସ୍ୱାଇଁ ଘଟଣା ସ୍ଥଳରୁ ଦୁଇ ବାଇକ୍‌କୁ ଜବତ କରି ଏକ ଦୁର୍ଘଟଣାଜନିତ ମାମଲା (ନଂ.୯୬/୨୨) ରୁଜୁ କରିଛନ୍ତି।

## ସାରୁଗାଁ ସିଦ୍ଧ ବାସୁଳି ପୀଠରେ ଦୀପଯଜ୍ଞ



ପୂର୍ବତନ ବିଚାରପତି ରତ୍ନାକର ଦାସଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ଖଇରା, ୧୬।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁର ୨୦୦ ବର୍ଷର ପ୍ରସିଦ୍ଧ ମା' ବାସୁଳିପୀଠରେ ମହାବିଷୁବ ସଂକ୍ରାନ୍ତି ଭକ୍ତଙ୍କ ଗହଣରେ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପୂଜକ ଅକ୍ଷୟ ବାରିକଙ୍କ ପୂଜାର୍ଚ୍ଚନା ପରେ ୧ହଜାର ୮ ଦୀପ ପ୍ରଜ୍ୱଳନ କରାଯାଇଥିଲା । ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ପ୍ରଥମେ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗ୍ରାମର ଶତାଧିକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ । ପରେ ସାରୁଗାଁ ମହୋତ୍ସବ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଓଡିଶା ତଥା ଆହ୍ଲାବାଦ ହାଇକୋର୍ଟର ପ୍ରାକ୍ତନ ବିଚାରପତି ରତ୍ନାକର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସ୍ଥାନୀୟ ଯୁବନେତା ଗୌତମ ରାଉତ, ସରପଞ୍ଚ ଦୟାନିଧି ଜେନା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଚାରପତି ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ସାମଲଙ୍କୁ ମନ୍ତ୍ରୀ ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ। ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା । କମିଟି ସଭାପତି ରଘୁନାଥ ମହାନ୍ତି ଓ ସମ୍ପାଦକ କମଳାକାନ୍ତ ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ମହୋତ୍ସବ ପରିଚାଳିତ ହୋଇଥିଲା।

# ହନୁମାନ ଝଣ୍ଡା ଶୋଭାଯାତ୍ରା



ବାହାରିଥିବା ଶୋଭାଯାତ୍ରା।

ଢେଙ୍କିକୋଟ, ୧୬।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଠାରେ ଗୁରୁବାର ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଏଠାରେ ଥିବା ଶକ୍ତିପୀଠ ମା' ଦୁର୍ଗାଙ୍କ ପୂଜା ମଣ୍ଡପରୁ ଶ୍ରୀ ହନୁମାନଙ୍କ ଝଣ୍ଡାକୁ ଯଥାବିଧି ପୂଜାର୍ଚ୍ଚନା କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଢେଙ୍କିକୋଟ ବଜାର ସାହିବସ୍ତି ପରିକ୍ରମା କରିଥିଲା। ଦୁଇଶହରୁ ଊର୍ଦ୍ଧ୍ୱ ଯୁବକ ବାଇକ ଏବଂ ପଥ ସଞ୍ଚାଳନ କରିଥିଲେ ଏବଂ ପରେ ହନୁମାନ ବିଗ୍ରହ ଦଳେଇ ସାହି ରାମନବମି ପୂଜା ମଣ୍ଡପରେ ପହଞ୍ଚି ଝଣ୍ଡା ଉଡାଇ ଓଡ଼ିଆ ନବବର୍ଷର ଭାଇଚାରା ସଦ୍‌ଭାବନା ସୃଷ୍ଟି କରିଥିଲେ। ପରେ ସମସ୍ତ ପଥ ସଞ୍ଚାଳକଙ୍କୁ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ଶାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପ ଉପଦେଷ୍ଟା ଉତ୍ତମ କୁମାର ନାୟକଙ୍କ ନେତୃତ୍ୱରେ ପଣା ପାଣିରେ ଆପ୍ୟାୟିତ କରାଯାଇଛି।

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

### ପଥର ବାନ୍ଧି ମୃତଦେହ ଡ୍ୟାମ୍‌ରେ ଫିଙ୍ଗିବା ଘଟଣା

ବାରିପଦା ଅଫିସ,୧୬।୪

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଦେବାନବାହାଲୀ ଗ୍ରାମର ରାମାୟା ସିଂ ନାମକ ବୃଦ୍ଧଙ୍କୁ ହତ୍ୟା କରି ମୃତଦେହକୁ ପଥର ବାନ୍ଧି ସୋନ ଡ୍ୟାମ୍‌ରେ ଫିଙ୍ଗିବା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଶରତ ଥାନା ଅଧୀନ ଦେବାନବାହାଲୀ ଗ୍ରାମର ସାଙ୍ଗି ଡାଙ୍ଗା(୬୫), ଜନ୍ଦୁକା ଜାଙ୍କା(୫୨) ଓ ରାମାୟା ମାଙ୍ଗତା(୩୩) । ଏନେଇ ପୋଲିସ ଏକ ମାମଲା (ନଂ.୯୯/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଗୁଣିଗାରେଡ଼ିକୁ ନେଇ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ଏଭଳି କାଣ୍ଡ ଭିଆଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# 'କଳାସଂସ୍କୃତି ଭାଇଚାରା ପରମ୍ପରାକୁ ଆଗକୁ ନେଇଥାଏ'




ମହୋତ୍ସବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଅନ୍ୟମାନେ।

ବାରିପଦା ଅଫିସ,୧୬।୪

ମୟୂରଭଞ୍ଜ ଜିଲାର ମହାନ ବଳାଙ୍ଗୀ ମହୋତ୍ସବ ଶନିବାର ବାରିପଦାର ଶହୀଦ ସ୍ମୃତି ଭବନ ଠାରେ ଉଦ୍‌ଘାଟିତ ହୋଇ ଯାଇଛି । ମହୋତ୍ସବ କମିଟିର ସଭାପତି ତଥା ମୋରଡା ବିଧାୟକ ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଭାରତୀ ହାଁସଦା, ଡ. କୈଳାଶ ଚନ୍ଦ୍ର ମହାନ୍ତି, ଭାରତୀୟ ମହଦୂର ସଂଘର ସମ୍ପାଦକ ରାମ ଚନ୍ଦ୍ର ହାଁସଦା ପ୍ରମୁଖ ଯୋଗ ଦେଇ କଳା ସଂସ୍କୃତି ହିଁ ସମାଜରେ ଭାଇଚାରା ପରମ୍ପରାକୁ ଆଗକୁ ବଢାଇଥାଏ ବୋଲି କହିଥିଲେ।

ମୟୂରଭଞ୍ଜର ଅବଲୁପ୍ତପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଓ ପର୍ଯ୍ୟଟନର ପୁନରୁଦ୍ଧାର ଓ ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢାବଳଙ୍ଗ ଚିପଟ ଏବଂ ଇଟାଯୋଡି ନଦୀର ସଂଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ଏହି ମହୋତ୍ସବ ବିଗତ ୨ ବର୍ଷ ଧରି କରୋନା କଟକଣା କାରଣରୁ ବନ୍ଦ ରହିଥିଲା। ଚଳିତ ବର୍ଷ କଟକଣା ଉଠି ଯାଇଥିଲେ ମଧ ମହୋତ୍ସବସ୍ଥଳ ନଦୀ ଭିତରକୁ ଥିବା ସଂଯୋଗୀକରଣ ରାସ୍ତା ଗୁଡିକ ଖରାପ ହୋଇଥିବାରୁ ନଦୀବାଲିରେ ମହୋତ୍ସବ ଆୟୋଜନ କରିବା ସମ୍ଭବପର ହୋଇନଥିଲା। ଫଳରେ ବାରିପଦା ଶହୀଦ ସ୍ମୃତି ଭବନ ପରିସରରେ ଚଳିତ ବର୍ଷ ଏପ୍ରିଲ ୧୬ ଓ ୧୭ ତାରିଖ ଦୁଇଦିନ ଧରି ପାଳିତ ହେଉଥିବାର ଜଣା ଯାଇଛି। ଏହି ଅବସରରେ ଖବରଦାତା ଅଭିଜିତ ମହାନ୍ତି, ଦୋଳଗୋବିନ୍ଦ ବାରିକ, ପ୍ରୀତିଶ ମହାନ୍ତ, କ୍ରିଷ୍ଣା କେଶବ ଦାସ, ଉଦୀୟମାନ କଳାକାର ତନୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ପ୍ରଥମ ସନ୍ଧ୍ୟାରେ ଜିଲା ତଥା ଜିଲା ବାହାରୁ ଆସିଥିବା ବହୁ ସାଂସ୍କୃତିକ ଅନୁଷ୍ଠାନ ନିଜର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ବଲପୁରି ନୃତ୍ୟ ଝୁମର, ଓଡିଶୀ ନୃତ୍ୟ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଶେଷରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି।

